रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII—ଖଣ୍ଡ I

प्राधिकार से प्रकाशित
**PUBLISHED BY THE AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

**No. 1 NEW DELHI, MONDAY, DECEMBER 14, 1992/MARGASIR 23, 1914 (SAKA) VOL. 3**
**ସଂ 1** ନୂଆଦିଲ୍ଲୀ, ସୋମବାର, ଡିସେମ୍ବର **14, 1992**/ମାର୍ଗଶିର **23, 1914** (**ଶକ**) ଗ୍ରନ୍ଥଖଣ୍ଡ **3**

## MINISTRY OF LAW AND JUSTICE

### (Legislative Department)

*New Delhi, dated the 14th December, 1992/23 Margasir, 1914 (SAKA)*

The Translation in Oriya of the following:—

(1) The Indian Evidence Act, 1872 (2) The Miscellaneous Personal Law (Extension) Act, 1959, (3) The Bonded Labour System (Abolition) Act, 1976, (4) The Hindu Marriage Act, 1955 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 ( 50 of 1973).

# ବନ୍ଧିତ ଶ୍ରମ ପଦ୍ଧତ (ଉଚ୍ଛେଦ) ଅଧିନିୟମ, 1976

(1976 ର ଅଧିନିୟମ ସଂ 19)

ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଓ ଶାରୀରିକ ଶୋଷଣକୁ ନିବାରଣ କରିବା କଳ୍ପେ ବନ୍ଧିତ ଶ୍ରମ ପଦ୍ଧତିର ଉଚ୍ଛେଦ ଲାଗି ଓ ତତ୍‌ସହ ସଂପୃକ୍ତ ବା ତହିଁର ଆନୁଷଂଗିକ ବିଷୟ ଲାଗି ଉପବନ୍ଧ କରିବା ନିମିତ୍ତ ଏକ ଅଧିନିୟମ ।

[9 ଫେବୃଆରି, 1976]

ଭାରତ ଗଣରାଜ୍ୟର ସପ୍ତବିଂଶତିତମ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା—

## ଅଧ୍ୟାୟ 1

## ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

**1.** (1) ଏହି ଅଧିନିୟମ ବନ୍ଧିତ ଶ୍ରମ ପଦ୍ଧତି (ଉଚ୍ଛେଦ) ଅଧିନିୟମ, 1976 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତ ପ୍ରତି ବିସ୍ତାରିତ ଅଟେ ।

(3) ଏହା 25 ଅକ୍‌ଟୋବର, 1975 ରେ ପ୍ରବୃତ୍ତ ହୋଇଛି ବୋଲି ବିବେଚିତ ହେବ ।

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ ଏହି ଅଧିନିୟମରେ—

(କ) "ଅଗ୍ରିମ" ଅର୍ଥ (ଏହାପରେ ଋଣଦାତା ନାମରେ ଅଭିହିତ) କୌଣସି ବ୍ୟକ୍ତିଙ୍କ ଦ୍ୱାରା (ଏହାପରେ ଋଣୀ ନାମରେ ଅଭିହିତ) ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନଗଦ ଆକାରରେ ହେଉ, ଅଥବା ଦ୍ରବ୍ୟ ଆକାରରେ ହେଉ, କିମ୍ବା ଆଂଶିକ ନଗଦ ଆକାରରେ କିମ୍ବା ଆଂଶିକ ଦ୍ରବ୍ୟ ଆକାରରେ ହେଉ ଦିଆଯିବା ଅଗ୍ରିମ;

(ଖ) "ରାଜିନାମା" ଅର୍ଥ ଜଣେ ଋଣୀ ଓ ଋଣଦାତା ମଧ୍ୟରେ (ଲିଖିତ ହେଉ ଅଥବା ମୌଖିକ ହେଉ କିମ୍ବା ଆଂଶିକ ଲିଖିତ ଓ ଆଂଶିକ ମୌଖିକ ହେଉ) ଏକ ରାଜିନାମା ଏବଂ ସଂପୃକ୍ତ ସ୍ଥାନରେ ପ୍ରଚଳିତ କୌଣସି ସାମାଜିକ ଲୋକାଚାର ଅନୁଯାୟୀ ବଳାତ୍‌ଶ୍ରମ ପାଇଁ ବ୍ୟବସ୍ଥା କରୁଥିବା ଯେଉଁ ରାଜିନାମାର ଅସ୍ତିତ୍ୱ ଥିବାର ଉପଧାରଣା କରାହୁଏ ସେହି ରାଜିନାମା ଏହାର ଅନ୍ତର୍ଭୁକ୍ତ ;

ସ୍ପଷ୍ଟୀକରଣ—ନିମ୍ନଲିଖିତ ପ୍ରକାରର ବଳାତ୍‌ଶ୍ରମ ସଂକ୍ରାନ୍ତରେ ଋଣଦାତା ଓ ଋଣୀଙ୍କ ମଧ୍ୟରେ ଏକ ରାଜିନାମାର ସ୍ଥିତି ସାଧାରଣତଃ ସାମାଜିକ ଲୋକାଚାର ଅନୁସାରେ ଉପଧାରଣା କରାଯାଏ—

ଆଦିୟାମାର, ବାରମାସିଆ, ବସହ୍ୟା, ବେଥୁ, ଭଗେଲା, ଚେରୁମାର, ଗର୍ଗ୍ଗଲୁ, ହଲି, ହାରି, ହାରବାଇ, ହଳିଆ, ଜାନା, ଜିତା, କାମିୟା, ଖୁଣ୍ଟିତମୁଣ୍ଡିତ, କୋଠିଆ, ଲେଖରି, ମୁଂଝି, ମାଟ୍, ମୁନିଷ ପ୍ରଥା, ନିତ ମଜୁର, ପଲେରୁ, ପିଡ଼ିୟାଲ, ପନ୍‌ନାଇଲାଲ, ସାଗଡ଼ି, ସଂଜି, ସଂଜାବତ୍, ସେବକ, ସେବକିଆ, ସେରି, ବେଠି ।

(ଗ) ମାତୃମୂଳକ ସମାଜର କୌଣସି ବ୍ୟକ୍ତି ସଂକ୍ରାନ୍ତରେ "ପୂର୍ବପୁରୁଷ" ବା "ବଂଶଧର" ଅର୍ଥ ସେହି ସମାଜରେ ପ୍ରବୃତ୍ତ ଥିବା ଉତ୍ତରାଧିକାର ବିଧି ଅନୁସାରେ ଯେଉଁ ବ୍ୟକ୍ତି ସେହି ଅଭିବ୍ୟକ୍ତିର ଅନୁରୂପ ହୋଇଥିବେ ସେହି ବ୍ୟକ୍ତି;

(ଘ) "ବନ୍ଧିତ ଋଣ" ଅର୍ଥ ବନ୍ଧିତ ଶ୍ରମ ପଦ୍ଧତି ଅନୁଯାୟୀ ବା ତଦନୁସାରେ କୌଣସି ବନ୍ଧିତ ଶ୍ରମିକ ପାଇଥିବା ବା ପାଇଛନ୍ତି ବୋଲି ଉପଧାରଣା କରାଯାଇଥିବା ଅଗ୍ରିମ;

(ଙ) "ବନ୍ଧିତ ଶ୍ରମ" ଅର୍ଥ ବନ୍ଧିତ ଶ୍ରମ ପଦ୍ଧତି ଅନୁଯାୟୀ କରାଯାଇଥିବା କୌଣସି ଶ୍ରମ ବା ସେବା;

(ଚ) "ବନ୍ଧିତ ଶ୍ରମିକ" ଅର୍ଥ ଯେଉଁ ଶ୍ରମିକ ବନ୍ଧିତ ଋଣ କରନ୍ତି ବା କରିଛନ୍ତି, ବା କରୁଛନ୍ତି ବୋଲି ଉପଧାରଣା କରାହୁଏ ସେହି ଶ୍ରମିକ;

(ଛ) "ବନ୍ଧିତ ଶ୍ରମପଦ୍ଧତି" ଅର୍ଥ ବଳାତ୍ ବା ଆଂଶିକ ବଳାତ୍ ଶ୍ରମର ଏପରି ଏକ ପଦ୍ଧତି ଯଦ୍ଵାରା ଋଣୀ ଋଣଦାତାଙ୍କ ସଙ୍ଗେ ଏପରି ଏକ ରାଜିନାମା କରନ୍ତି ବା କରିଥାନ୍ତି ଅଥବା କରିଛନ୍ତି ବୋଲି ଉପଧାରଣା କରାହେବ ଯେପରିକି,––

(i) ସେ ବା ତାଙ୍କର ଯେକୌଣସି କ୍ରମାଗତ ପୂର୍ବପୁରୁଷ ବା ବଂଶଧର ପାଇଥିବା କୌଣସି ଅଗ୍ରିମ (ସେହି ଅଗ୍ରିମ କୌଣସି ଦସ୍ତାବିଜ ଦ୍ଵାରା ସମର୍ଥିତ ହେଉ କି ନହେଉ) ର ପ୍ରତିଫଳ ସ୍ଵରୂପ ଓ ସେହି ଅଗ୍ରିମ ଉପରେ ଯଦି କିଛି ସୁଧ ଦେୟ ଥାଏ ସେହି ଦେୟର ପ୍ରତିଫଳ ସ୍ଵରୂପ ବା;

(ii) କୌଣସି ଲୋକାଚାରିକ ବା ସାମାଜିକ ବାଧ୍ୟତା ଅନୁସାରେ; ବା

(iii) ଉତ୍ତରାଧିକାର ଦ୍ଵାରା ତାଙ୍କ ଉପରେ ଉତ୍ତର ପ୍ରବର୍ତ୍ତିତ କୌଣସି ବାଧ୍ୟତା ଅନୁସାରେ; ବା

(iv) ସେ ବା ତାଙ୍କର ଯେ କୌଣସି କ୍ରମାଗତ ପୂର୍ବପୁରୁଷ ବା ବଂଶଧର ପାଇଥିବା କୌଣସି ଆର୍ଥିକ ପ୍ରତିଫଳ ଲାଗି ; ବା

(v) କୌଣସି ଜାତି ବା ଗୋଷ୍ଠୀ ବିଶେଷରେ ତାଙ୍କର ଜନ୍ମ ଯୋଗୁଁ ସେ–

(1) ନିଜେ ବା ତାଙ୍କ ପରିବାରର କୌଣସି ସଦସ୍ୟ ବା ତାଙ୍କ ଉପରେ ଆଶ୍ରିତ ଯେକୌଣସି ବ୍ୟକ୍ତିଙ୍କ ଜରିଆରେ ଏକେତ ବିନା ମଜୁରିରେ ବା ନାମମାତ୍ର ମଜୁରିରେ ଏକ ବିନିର୍ଦ୍ଦିଷ୍ଟ କାଳାବଧି ଲାଗି ବା ଏକ ଅନିର୍ଦ୍ଦିଷ୍ଟ କାଳାବଧିଲାଗି ଋଣଦାତାଙ୍କୁ ବା ଋଣଦାତାଙ୍କ ହିତାର୍ଥେ କୌଣସି ଶ୍ରମଦାନ କରିବେ ବା ସେବା କରିବେ,

(2) ଏକ ବିନିର୍ଦ୍ଦିଷ୍ଟ କାଳାବଧି ଲାଗି ବା ଏକ ଅନିର୍ଦ୍ଦିଷ୍ଟ କାଳାବଧି ଲାଗି ନିଯୋଜନ ବା ଅନ୍ୟ ଜୀବିକା ସାଧନର ସ୍ଵାଧୀନତା ହରାଇବେ; ବା

(3) ସମଗ୍ର ଭାରତର ରାଜ୍ୟକ୍ଷେତ୍ର ମଧ୍ୟରେ ଅବାଧ ସଂଚରଣ ଅଧିକାର ହରାଇବେ; ବା

(4) ତାଙ୍କର କୌଣସି ସମ୍ପତ୍ତିକୁ ବା ତାଙ୍କର ଶ୍ରମଲବ୍ଧ ଦ୍ରବ୍ୟ ବା ତାଙ୍କ ପରିବାରର କୌଣସି ସଦସ୍ୟର ବା ତାଙ୍କ ଉପରେ ଆଶ୍ରିତ କୌଣସି ବ୍ୟକ୍ତିଙ୍କର ଶ୍ରମଲବ୍ଧ ଦ୍ରବ୍ୟକୁ ବିନିଯୋଗ କରିବା ବା ବଜାର ଭାଉରେ ବିକ୍ରୟ କରିବାର ଅଧିକାର ହରାଇବେ;

ଓ ଯେଉଁ ବଳାତ୍ ବା ଆଶିଂକ ବଳାତ୍ ଶ୍ରମ ଅନୁଯାୟୀ ଋଣୀ ଋଣ ପରିଶୋଧ ନକଲେ ଋଣୀଙ୍କ ଲାଗି ଜଣେ ପ୍ରତିଭୂ ଋଣୀଙ୍କ ତରଫରୁ ବଂଧିତ ଶ୍ରମ କରିବେ ବୋଲି ଋଣଦାତାଙ୍କ ସହ ରାଜିନାମା କରନ୍ତି, ବା କରିଥାନ୍ତି, ବା କରିଛନ୍ତି ବୋଲି ଉପଧାରଣା ହୁଏ, ସେହି ପଦ୍ଧତି ଏହାର ଅନ୍ତର୍ଭୁକ୍ତ ।

ସ୍ପଷ୍ଟୀକରଣ–ସନ୍ଦେହର ଅପସାରଣ ନିମନ୍ତେ ଏତଦ୍ଵାରା ଘୋଷଣା କରାଯାଉଛି ଯେ ଯେଉଁ ବଳାତ୍ ବା ଆଶିଂକ ବଳାତ୍ ଶ୍ରମପଦ୍ଧତି ଅନୁଯାୟୀ ଚୁକ୍ତିବନ୍ଧ ଶ୍ରମ (ବିନିୟମନ ଓ ଉଚ୍ଛେଦ) ଅଧିନିୟମ, 1970 ର ଧାରା 2ର ଉପଧାରା (1)ର ଖଣ୍ଡ (ଖ)ରେ ସଂଜ୍ଞାକୃତ ହୋଇଥିବା ପ୍ରକାରେ ଚୁକ୍ତିବନ୍ଧ ଶ୍ରମିକ ହୋଇଥିବା ଯେକୌଣସି ଶ୍ରମଜୀବୀ କିମ୍ବା ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମଜୀବୀ (ନିଯୋଜନର ବିନିୟମନ ଓ ସେବା ସର୍ତ୍ତାବଳୀ) ଅଧିନିୟମ, 1979ର ଧାରା 2ର ଉପଧାରା (1)ର ଖଣ୍ଡ (ଙ) ରେ ସଂଜ୍ଞାକୃତ ହୋଇଥିବା ପ୍ରକାରେ ଜଣେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମଜୀବୀ, ଏହି ଖଣ୍ଡର ଉପଖଣ୍ଡ (1)ରେ ଉଲ୍ଲିଖିତ ପ୍ରକୃତିର ପରିସ୍ଥିତିରେ ଶ୍ରମ କରିବା ବା ସେବା ଦେବା ଆବଶ୍ୟକ ଅଟେ କିମ୍ବା ସେମାନେ ଖଣ୍ଡ (2)ରୁ (4)ରେ ସୂଚିତ ସମସ୍ତ ବା ଯେକୌଣସି ନିର୍ଯୋଗ୍ୟତାର ସାପେକ୍ଷ ହୁଅନ୍ତି, ସେହି ଶ୍ରମପଦ୍ଧତି ଏହି ଖଣ୍ଡର ମର୍ମାନୁସାରେ "ବନ୍ଧିତ ଶ୍ରମ ପଦ୍ଧତି" ଅଟେ ।

(ଜ) କୌଣସି ବ୍ୟକ୍ତିଙ୍କ ସଂକ୍ରାନ୍ତରେ ସେହି ବ୍ୟକ୍ତିଙ୍କର ପୂର୍ବପୁରୁଷ ଓ ବଂଶଧର "ପରିବାର"ର ଅନ୍ତର୍ଭୁକ୍ତ;

(ଝ) କୌଣସି ଶ୍ରମ ସଂକ୍ରାନ୍ତରେ "ନାମମାତ୍ର ମଜୁରି" ର ଅର୍ଥ–

(କ) ତତ୍‌ସମୟ ପ୍ରବୃତ୍ତ କୌଣସି ବିଧି ଅନୁଯାୟୀ ସମାନ ବା ଅନୁରୂପ ଶ୍ରମ ସଂକ୍ରାନ୍ତରେ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ମଜୁରିରୁ ଊଣା ହୋଇଥିବା ମଜୁରି;ଓ

(ଖ) କୌଣସି ପ୍ରକାରର ଶ୍ରମ ସଂକ୍ରାନ୍ତରେ ଯଦି ଏପରି କୌଣସି ସର୍ବନିମ୍ନ ମଜୁରି ଧାର୍ଯ୍ୟ କରାଯାଇ ନଥାଏ, ତେବେ ଏକା ଅଞ୍ଚଳରେ କାମ କରୁଥିବା ଶ୍ରମିକଙ୍କୁ ସମାନ ବା ଅନୁରୂପ ଶ୍ରମ ଲାଗି ଯେଉଁ ମଜୁରି ସାଧାରଣତଃ ଦିଆଯାଏ ତାହାଠାରୁ ଊଣା ହୋଇଥିବା ମଜୁରି;

(ଗ) 'ବିହିତ'ର ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାର ବିହିତ ।

ଅଧିନିୟମର ଅଧ୍ୟାରୋହୀ ପ୍ରଭବ ରହିବ ।

3. ଏହି ଅଧିନିୟମ ଭିନ୍ନ ଅନ୍ୟ କୌଣସି ଅଧିନିୟମନରେ ବା ଏହିଁ ଅଧିନିୟମ ଭିନ୍ନ ଅନ୍ୟ କୌଣସି ଅଧିନିୟମନ ବଳରେ ପ୍ରଭବଶୀଳ କୌଣସି ବିଲେଖରେ ଏହି ଅଧିନିୟମର ଉପବନ୍ଧ ସଙ୍ଗେ ଅସଙ୍ଗତ ଯାହାକିଛି ଥିବା ସତ୍ତ୍ୱେ ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରଭବଶୀଳ ହେବ ।

---

## ଅଧ୍ୟାୟ-II

### ବନ୍ଧିତ ଶ୍ରମ ପଦ୍ଧତର ଉଚ୍ଛେଦ

ବନ୍ଧିତ ଶ୍ରମ ପଦ୍ଧତିର ଉଚ୍ଛେଦ ।

4. (1) ଏହି ଅଧିନିୟମର ପ୍ରାରମ୍ଭରେ, ବନ୍ଧିତ ଶ୍ରମ ପଦ୍ଧତି ଉଚ୍ଛେଦ ହୋଇଯିବ ଓ ଏପରି ପ୍ରାରମ୍ଭରେ, ପ୍ରତ୍ୟେକ ବନ୍ଧିତ ଶ୍ରମିକ ଯେକୌଣସି ବନ୍ଧିତ ଶ୍ରମଦାନ ବାଧ୍ୟତାରୁ ମୁକ୍ତ ଓ ଭରମୁକ୍ତ ହେବେ ।

(2) ଏହି ଅଧିନିୟମର ପ୍ରାରମ୍ଭ ପରେ, କୌଣସି ବ୍ୟକ୍ତି—

(କ) ବନ୍ଧିତ ଶ୍ରମ ପଦ୍ଧତି ଅନୁଯାୟୀ ବା ତଦନୁସାରେ କୌଣସି ଅଗ୍ରିମ ଦେବେ ନାହିଁ ; ବା

(ଖ) କୌଣସି ବଂଧିତ ଶ୍ରମ ବା ଅନ୍ୟାନ୍ୟ ପ୍ରକାରର ବଳାତଶ୍ରମ କରିବା ପାଇଁ କୌଣସି ବ୍ୟକ୍ତିଙ୍କୁ ବାଧ୍ୟ କରିବେ ନାହିଁ ।

ରାଜିନାମା, ଲୋକାଗ୍ରର ଆଦି ବ୍ୟର୍ଥ ହେବ ।

5. ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ କିମ୍ବା ପରେ କରାଯାଇଥିବା ବା ନିଷ୍ପାଦିତ ହୋଇଥିବା ଯେଉଁ ଲୋକାଗ୍ରର ବା ପରମ୍ପରା ବା ଚୁକ୍ତି, ରାଜିନାମା କିମ୍ବା ଅନ୍ୟ ବିଲେଖ ବଳରେ କୌଣସି ବ୍ୟକ୍ତି, ବା ତାଙ୍କ ପରିବାରର କୌଣସି ବ୍ୟକ୍ତି ବା ତାଙ୍କର ଆଶ୍ରିତ କୌଣସି ବ୍ୟକ୍ତି ବଂଧିତ ଶ୍ରମିକ ଭବରେ କୌଣସି କାର୍ଯ୍ୟ ବା ସେବା କରିବା ଆବଶ୍ୟକ ହୋଇଥାଏ ତାହା ଏହି ଅଧିନିୟମର ପ୍ରାରମ୍ଭ ପରେ ବ୍ୟର୍ଥ ଓ ଅକାମୀ ହୋଇ-ଯିବ ।

---

## ଅଧ୍ୟାୟ III

### ବଂଧିତ ଋଣ ପରିଶୋଧ କରିବା ଦାୟିତ୍ୱର ନିର୍ବାପନ

ବଂଧିତ ଋଣ ପରି-ଶୋଧ କରିବା ଦାୟିତ୍ୱ ନିର୍ବାପିତ ହେବ ।

6. (1) ଏହି ଅଧିନିୟମର ପ୍ରାରମ୍ଭମାତ୍ରେ କୌଣସି ବଂଧିତ ଋଣକୁ, ବା କୌଣସି ବଂଧିତ ଋଣର ଯେତିକି ଅଂଶ ସେପରି ପ୍ରାରମ୍ଭର ଅବ୍ୟବହିତ ପୂର୍ବେ ଶୁଝା ନ ହୋଇ ରହିଥାଏ ସେହି ଅଂଶକୁ ପରିଶୋଧ କରିବାକୁ ବଂଧିତ ଶ୍ରମିକଙ୍କର ସମସ୍ତ ବାଧ୍ୟତା ଲୋପ ପାଇଯାଇଛି ବୋଲି ବିବେଚିତ ହେବ ।

(2) ଏହି ଅଧିନିୟମର ପ୍ରାରମ୍ଭପରେ, କୌଣସି ବଂଧିତ ଋଣ ବା ତାହାର କୌଣସି ଅଂଶର ଅସୁଲ ଲାଗି କୌଣସି ସିଭିଲ ନ୍ୟାୟାଳୟରେ ବା ଅନ୍ୟ କୌଣସି ପ୍ରାଧିକାରୀଙ୍କ ସମକ୍ଷରେ କୌଣସି ମକଦ୍ଦମା ବା ଅନ୍ୟ କାର୍ଯ୍ୟବିଧି ଚଳିବ ନାହିଁ ।

(3) ବଂଧିତ ଋଣର ଅସୁଲ ଲାଗି ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଦିଆଯାଇଥିବା କିନ୍ତୁ ସେହି ପ୍ରାରମ୍ଭ ପୂର୍ବରୁ ପୂର୍ଣ୍ଣତଃ ଶୁଝା ହୋଇନଥିବା ପ୍ରତ୍ୟେକ ଡିକ୍ରୀ ବା ଆଦେଶ, ସେପରି ପ୍ରାରମ୍ଭମାତ୍ରେ, ପୂର୍ଣ୍ଣତଃ ଶୁଝା ହୋଇଛି ବୋଲି ବିବେଚିତ ହେବ ।

(4) କୌଣସି ବଂଧିତ ଋଣର ଅସୁଲ ଲାଗି ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ କରାଯାଇଥିବା ପ୍ରତ୍ୟେକ କୋରଖ ଉକ୍ତ ଅଧିନିୟମର ପ୍ରାରମ୍ଭରେ ଉଠିଯିବ ଓ ଯେଉଁ ସ୍ଥଳେ ସେପରି କୋରଖ ଅନୁସାରେ ସେହି ବଂଧିତ ଶ୍ରମିକଙ୍କର କୌଣସି ଅସ୍ଥାବର ସମ୍ପତ୍ତି ଅଭିଗ୍ରହଣ ହୋଇ ତାଙ୍କ ଜିମାରୁ ଅପସାରିତ ହୋଇଥାଏ ଓ ତାହାକୁ ବିକ୍ରୟ କରାହେବା ପୂର୍ବରୁ କୌଣସି ନ୍ୟାୟାଳୟ ବା ଅନ୍ୟ ପ୍ରାଧିକାରୀଙ୍କ ଜିମାରେ ରଖାଯାଇଥାଏ ସେହିସ୍ଥଳେ ସେହି ଅସ୍ଥାବର ସମ୍ପତ୍ତିକୁ ଉକ୍ତ ଅଧିନିୟମର ପ୍ରାରମ୍ଭ ପରେ ଯଥାସାଧ୍ୟ ଶୀଘ୍ର ସେହି ବଂଧିତ ଶ୍ରମିକଙ୍କ ଦଖଲକୁ ଫେରାଇ ଦିଆଯିବ ।

(5) ଯେବେ ଏହି ଅଧିନିୟମର ପ୍ରାରମ୍ଭର ପୂର୍ବେ କୌଣସି ବଂଧିତ ଶ୍ରମିକଙ୍କର ବା ତାଙ୍କର ପରିବାରର କୌଣସି ବ୍ୟକ୍ତିଙ୍କର ବା ଅନ୍ୟ ଆଶ୍ରିତ ବ୍ୟକ୍ତିଙ୍କର କୌଣସି ସମ୍ପତ୍ତିର, ଦଖଲ କୌଣସ ବଂଧିତ ଋଣ ପତ୍ରର ଅସୁଲ ଲାଗି କୌଣସି ଋଣଦାତାଙ୍କ ଦ୍ୱାରା ବଳପୂର୍ବକ ନିଆ ହୋଇଥାଏ ତେବେ ଉକ୍ତ ଅଧିନିୟମର ପ୍ରାରମ୍ଭ ପରେ ଯଥାସାଧ୍ୟ ଶୀଘ୍ର ସେହି ସମ୍ପତ୍ତି ଯେଉଁ ବ୍ୟକ୍ତିଙ୍କଠାରୁ ଅଭିଗୃହୀତ ହୋଇଥାଏ ସେହି ବ୍ୟକ୍ତିଙ୍କୁ ଫେରାଇ ଦିଆଯିବ ।

(6) ଯଦି ଉପଧାରା (4) ବା (5)ରେ ସୂଚିତ କୌଣସି ସମ୍ପତ୍ତିର ଦଖଲର ଫେରସ୍ତ ଏହି ଅଧିନିୟମର ପ୍ରାରମ୍ଭଠାରୁ ତିରିଶ ଦିନ ମଧ୍ୟରେ ସମ୍ପାଦିତ ହୁଏନାହିଁ ତେବେ ସେହି ବ୍ୟଥିତ ବ୍ୟକ୍ତି, ବିହିତ ସମୟ ମଧ୍ୟରେ, ସେହି ସମ୍ପତ୍ତିର ଦଖଲ ଫେରସ୍ତ ପାଇଁ ବିହିତ ପ୍ରାଧିକାରୀଙ୍କୁ ଦରଖାସ୍ତ କରି ପାରିବେ ଓ ସେହି ବିହିତ ପ୍ରାଧିକାରୀ, ଋଣଦାତାଙ୍କୁ ଶୁଣାଣି ହେବାର ଏକ ଯୁକ୍ତିଯୁକ୍ତ ସୁଯୋଗ ଦେବାପରେ, ଆଦେଶରେ ବିନିର୍ଦ୍ଦିଷ୍ଟ ହେବା ସମୟ ମଧ୍ୟରେ ସଂପୃକ୍ତ ସମ୍ପତ୍ତିର ଦଖଲ ଦରଖାସ୍ତକାରୀଙ୍କୁ ଫେରସ୍ତ ଦେବାକୁ ଋଣଦାତାଙ୍କୁ ନିର୍ଦ୍ଦେଶ ଦେଇପାରିବେ ।

(7) ଉପଧାରା (6) ଅନୁଯାୟୀ କୌଣସି ବିହିତ ପ୍ରାଧିକାରୀଙ୍କ ଦ୍ୱାରା ଦିଆଯିବା କୌଣସି ଆଦେଶ ଏକ ସିଭିଲ ନ୍ୟାୟାଳୟ ଦ୍ୱାରା ଦିଆଯିବା ଏକ ଆଦେଶ ବୋଲି ବିବେଚିତ ହେବ ଓ ଯେଉଁ ସର୍ବନିମ୍ନ ବିତ୍ତୀୟ ଅଧିକାରିତା ବିଶିଷ୍ଟ ନ୍ୟାୟାଳୟ ଅଧିକାରିତାର ସ୍ଥାନୀୟ ସୀମା ମଧ୍ୟରେ ଋଣଦାତା ସ୍ୱେଚ୍ଛାପୂର୍ବକ ବାସ କରନ୍ତି ବା କାରବାର ଚଳାନ୍ତି ବା ଲାଭାର୍ଥ ବ୍ୟକ୍ତିଗତ ଭାବେ କାର୍ଯ୍ୟକରନ୍ତି ସେହି ନ୍ୟାୟାଳୟ ଦ୍ୱାରା ନିଷ୍ପାଦିତ ହୋଇପାରିବ ।

(8) ସନ୍ଦେହ ଦୂରୀକରଣାର୍ଥ ଏତଦ୍ଦ୍ୱାରା ଘୋଷଣା କରାଯାଉଛି ଯେ, ଯେବେ କୌଣସି କୋରଖ ସମ୍ପତ୍ତି ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଏକ ବଂଧିତ ଋଣର ଅସୁଲ ଲାଗି ଏକ ଡିକ୍ରୀ ବା ଆଦେଶର ନିଷ୍ପାଦନକ୍ରମେ ବିକ୍ରୟ ହୋଇଥାଏ ତେବେ ସେହି ବିକ୍ରୟ ଏହି ଅଧିନିୟମର କୌଣସି ଉପବନ୍ଧ ଦ୍ୱାରା ପ୍ରଭାବିତ ହେବନାହିଁ :

ପରନ୍ତୁ, ସେହି ବଂଧିତ ଶ୍ରମିକ ବା ଏତଦୁପଲକ୍ଷେ ତାଙ୍କଦ୍ୱାରା ପ୍ରାଧିକୃତ ଜଣେ ଏଜେଣ୍ଟ ଉକ୍ତ ଅଧିନିୟମର ପ୍ରାରମ୍ଭଠାରୁ ପାଞ୍ଚବର୍ଷ ମଧ୍ୟରେ ଯେକୌଣସି ସମୟରେ, ଡିକ୍ରିଦାରଙ୍କୁ ପ୍ରଦାନ କରିବା ଲାଗି, ବିକ୍ରୟର ଉଦ୍‌ଘୋଷଣାରେ ବିନିର୍ଦ୍ଦିଷ୍ଟ ଯେଉଁ ପରିମାଣର ଅସଲ ଲାଗି ବିକ୍ରୟ ଆଦେଶ କରାଯାଇଥିଲା ସେହି ପରିମାଣରୁ, ସେପରି ବିକ୍ରୟ ଉଦ୍‌ଘୋଷଣା ତାରିଖଠାରୁ ଆରମ୍ଭକରି ଡିକ୍ରୀଦାର ଯେଉଁ ପରିମାଣ ତଥା ଅନ୍ତଃକାଳୀନ ଲାଭ ପାଇଥିବେ ତାହାକୁ କାଟି ନ୍ୟାୟାଳୟରେ ଜମାଦେବା ପରେ ସେହି ବିକ୍ରୟଟିକୁ ନାକଚ କରିବାକୁ ଦରଖାସ୍ତ କରିପାରିବେ ।

(9) ଯେଉଁସ୍ଥଳେ ବଂଧିତ ଶ୍ରମପଦ୍ଧତି ଅନୁଯାୟୀ କୌଣସି ବାଧ୍ୟତାକୁ ପ୍ରବର୍ତ୍ତନ କରାଇବା ଲାଗି ଓ କୌଣସି ବଂଧିତ ଶ୍ରମିକଙ୍କୁ ଦିଆଯାଇଥିବା କୌଣସି ଅଗ୍ରିମର ଅସୁଲ ଲାଗି କୌଣସି ମକଦ୍ଦମା ଓ କାର୍ଯ୍ୟବିଧି ସମେତ ଯେକୌଣସି ମକଦ୍ଦମା ବା କାର୍ଯ୍ୟବିଧି ଏହି ଅଧିନିୟମର ପ୍ରାରମ୍ଭ ବେଳେ ବିଚାରାଧୀନ ଥାଏ ସେହିସ୍ଥଳେ ସେହି ମକଦ୍ଦମା ବା ଅନ୍ୟ କାର୍ଯ୍ୟବିଧି, ଏପରି ପ୍ରାରମ୍ଭ ମାତ୍ରେ ଖାରଜ ହୋଇଯିବ ।

(10) ଏହି ଅଧିନିୟମର ପ୍ରାରମ୍ଭପରେ, ସିଭିଲ କାରାଗାରରେ ରାୟ ପୂର୍ବରୁ ବା ରାୟ ପରେ ଅଟକ ରହି-ଥିବା ପ୍ରତ୍ୟେକ ବଂଧିତ ଶ୍ରମିକ ଅଟକରୁ ତତ୍‌କ୍ଷଣାତ ଖଲାସ ହେବେ ।

ବଂଧିତ ଶ୍ରମିକଙ୍କର ସଂପତ୍ତି, ବନ୍ଧକ ଇତ୍ୟାଦିରୁ ମୁକ୍ତହେବ ।

7. (1) ଜଣେ ବଂଧିତ ଶ୍ରମିକଙ୍କଠାରେ ନିହିତ କରାଯାଇଥିବା ଯେଉଁ ସବୁ ସମ୍ପତ୍ତି, ଏହି ଅଧିନିୟମର ପ୍ରାରମ୍ଭର ଅବ୍ୟବହିତ ପୂର୍ବେ କୌଣସି ବଂଧିତ ଋଣ ସଂକ୍ରାନ୍ତରେ କୌଣସି ବନ୍ଧକ, ଭାର, ଧାରଣାଧିକାର ବା ଅନ୍ୟାନ୍ୟ ଗ୍ରସ୍ତ ଭାର ଅଧୀନ ହୋଇଥାଏ ତାହା ବଂଧିତ ଋଣ ସଂକ୍ରାନ୍ତ ହେବାଯାଏଁ ସେହି ବନ୍ଧକ, ଭାର, ଧାରଣା-ଧିକାର ଓ ଅନ୍ୟାନ୍ୟ ଗ୍ରସ୍ତରୁ ମୁକ୍ତ ଓ ଖଲାସ ହୋଇଯିବ ଓ ଯେଉଁସ୍ଥଳେ ସେହି ସମ୍ପତ୍ତି, ଏହି ଅଧିନିୟମର ପ୍ରାରମ୍ଭର ଅବ୍ୟବହିତ ପୂର୍ବେ ବଂଧକଗ୍ରହୀତା ବା ଭାର, ଧାରଣାଧିକାର ବା ଭାରଗ୍ରସ୍ତ ଧାରକଙ୍କ ଦଖଲରେ ଥାଏ ସେହିସ୍ଥଳେ ସେହି ସଂପତ୍ତି ( ତାହା ଅନ୍ୟ କୌଣସି ଭାରର ଅଧୀନ ହୋଇନଥିଲେ ) ଉକ୍ତ ଅଧିନିୟମର ପ୍ରାରମ୍ଭରେ ସେହି ବଂଧିତ ଶ୍ରମିକଙ୍କ ଦଖଲକୁ ପ୍ରତ୍ୟର୍ପଣ କରାଯିବ ।

(2) ଯଦି ଉପଧାରା (1)ରେ ଉଲ୍ଲିଖିତ କୌଣସି ସଂପତ୍ତିକୁ ସେହି ବଂଧିତ ଶ୍ରମିକଙ୍କର ଦଖଲକୁ ପ୍ରତ୍ୟର୍ପଣ କରାଯିବାରେ କୌଣସି ବିଳମ୍ବ କରାଯାଏ ତେବେ ସେହି ଶ୍ରମିକ, ସେହି ପ୍ରାରମ୍ଭ ତାରିଖରେ ଓ ତଦବଧି, ଯେଉଁ ସର୍ବନିମ୍ନ ବିତ୍ତୀୟ ଅଧିକାରିତାଯୁକ୍ତ ସିଭିଲ ନ୍ୟାୟାଳୟର ଅଧିକାରିତାର ସ୍ଥାନୀୟ ସୀମା ମଧ୍ୟରେ ସେହି ସଂପତ୍ତି ଅବସ୍ଥିତ ସେହି ନ୍ୟାୟାଳୟ ଦ୍ୱାରା ଯେତିକି ଅବଧାରିତ ହୋଇପାରେ ସେତିକି ଅନ୍ତଃକାଳୀନ ଲାଭ ସେହି ବଂଧକଗ୍ରହୀତାଙ୍କଠାରୁ ବା ସେହି ଧାରଣାଧିକାର, ଭାର ବା ଭାରଗ୍ରସ୍ତ ଧାରକଙ୍କଠାରୁ ଅସୁଲ କରିବାକୁ ହକ୍‌ଦାର୍ ହେବେ ।

**ମୁକ୍ତ ବନ୍ଧିତ ଶ୍ରମିକଙ୍କୁ ବାସ୍ତୁ ଇତ୍ୟାଦିରୁ ବେଦଖଲ କରାଯିବ ନାହିଁ ।**

8. (1) ବନ୍ଧିତ ଶ୍ରମ କରିବା ବାଧ୍ୟତାରୁ ଏହି ଅଧିନିୟମ ଅନୁଯାୟୀ ମୁକ୍ତ ଓ ଖଲାସ ହୋଇଥିବା କୌଣସି ବ୍ୟକ୍ତିଙ୍କୁ ସେ ବନ୍ଧିତ ଶ୍ରମ ଲାଗି ପ୍ରତିଫଳର ଅଂଶ ସ୍ୱରୂପ ଏହି ଅଧିନିୟମର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ଯେଉଁ ବାସ୍ତୁ ବା ଅନ୍ୟ ନିବାସ ପରିସର ଦଖଲ କରୁଥିବେ ତହିଁରୁ ବେଦଖଲ ହେବେ ନାହିଁ ।

(2) ଯଦି, ଏହି ଅଧିନିୟମର ପ୍ରାରମ୍ଭ ପରେ, ସେପରି କୌଣସି ବ୍ୟକ୍ତି ଋଣଦାତାଙ୍କ ଦ୍ୱାରା ଉପଧାରା (1) ରେ ଉଲ୍ଲିଖିତ କୌଣସି ବାସ୍ତୁ ବା ଅନ୍ୟ ନିବାସ ପରିସରରୁ ବେଦଖଲ ହୋଇଥାନ୍ତି ତେବେ ସେହି ବାସ୍ତୁ ବା ନିବାସ ପରିସର ଯେଉଁ ଉପପ୍ରଭାଗ ମଧ୍ୟରେ ଅବସ୍ଥିତ ତାହାର ଭାରପ୍ରାପ୍ତ ନିଷ୍ପାଦକ ମାଜିଷ୍ଟ୍ରେଟ ଯଥାସାଧ୍ୟ ଶୀଘ୍ର ସେହି ବାସ୍ତୁ ବା ଅନ୍ୟ ନିବାସ ପରିସରକୁ ସେହି ବନ୍ଧିତ ଶ୍ରମିକଙ୍କର ଦଖଲକୁ ପ୍ରତ୍ୟର୍ପଣ କରିବେ ।

**ନିର୍ବାପିତ ଋଣବାବଦକୁ ଋଣଦାତା ଅର୍ଥ ପ୍ରଦାନ ଗ୍ରହଣ କରିବେ ନାହିଁ ।**

9. (1) ଯେଉଁ ବନ୍ଧିତ ଋଣ ଏହି ଅଧିନିୟମର ଉପବନ୍ଧ ବଳରେ ନିର୍ବାପିତ ହୋଇଥାଏ ବା ନିର୍ବାପିତ ହୋଇଛି ବୋଲି ବିବେଚିତ ହୋଇଥାଏ ବା ପୂର୍ଣ୍ଣତଃ ଶୁଝା ହୋଇଛି ବୋଲି ବିବେଚିତ ହୋଇଥାଏ ସେହି ଋଣ ବାବଦକୁ କୌଣସି ଋଣଦାତା କୌଣସି ଅର୍ଥ ପ୍ରଦାନ ଗ୍ରହଣ କରିବେ ନାହିଁ ।

(2) ଯେଉଁ ବ୍ୟକ୍ତି ଉପଧାରା (1)ର ଉପବନ୍ଧ ଗୁଡ଼ିକର ଉଲ୍ଲଂଘନ କରନ୍ତି ସେ ତିନିବର୍ଷ ପର୍ଯ୍ୟନ୍ତ କାରାବାସରେ ଓ ଜୋରିମାନାରେ ମଧ୍ୟ ଦଣ୍ଡନୀୟ ହେବେ ।

(3) ଉପଧାରା (2) ଅନୁଯାୟୀ କୌଣସି ବ୍ୟକ୍ତିକୁ ସିଦ୍ଧଦୋଷ କରୁଥିବା ନ୍ୟାୟାଳୟ, ସେହି ଉପଧାରା ଅନୁଯାୟୀ ଯେଉଁ ଶାସ୍ତି ଆରୋପ କରାଯାଇପାରେ ତାହା ବାହାରେ, ବନ୍ଧିତ ଶ୍ରମିକଙ୍କୁ ଫେରସ୍ତ ଦିଆଯିବା ପାଇଁ ଆଦେଶରେ ବିନିର୍ଦ୍ଦିଷ୍ଟ ହେବା କାଳାବଧି ମଧ୍ୟରେ ଉପଧାରା (1)ର ଉଲ୍ଲଂଘନ କ୍ରମେ ଗ୍ରହଣ କରାଯାଇଥିବା ପରିମାଣକୁ ନ୍ୟାୟାଳୟରେ ଜମାଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।

---

## ଅଧ୍ୟାୟ IV

### କାର୍ଯ୍ୟାନ୍ୱୟନକାରୀ ପ୍ରାଧିକାରୀ—ବର୍ଗ

**ଏହି ଅଧିନିୟମର ଉପବନ୍ଧଗୁଡ଼ିକୁ କାର୍ଯ୍ୟାନ୍ୱୟନ କରିବା ଲାଗି କେଉଁ ପ୍ରାଧିକାରୀ-ବର୍ଗଙ୍କୁ ବିନିର୍ଦ୍ଦିଷ୍ଟ କରାଯାଇପାରେ ।**

10. ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଉଚିତଭାବେ ପାଳିତ ହେଉଛି ବୋଲି ସୁନିଶ୍ଚିତ କରିବା ଲାଗି ଯେପରି ଆବଶ୍ୟକ ହୋଇପାରେ, ରାଜ୍ୟସରକାର, ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଉପରେ ସେପରି କ୍ଷମତା ପ୍ରଦତ୍ତ କରିପାରିବେ ଓ ସେପରି କର୍ତ୍ତବ୍ୟ ଆରୋପ କରିପାରିବେ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତାଙ୍କର ଅଧସ୍ତନ କେଉଁ ଅଧିକାରୀ ଏହିଭାବେ ପ୍ରଦତ୍ତ ସମସ୍ତ ବା ଯେକୌଣସି କ୍ଷମତା ପ୍ରୟୋଗ କରିବେ ବା ଆରୋପିତ ସମସ୍ତ ବା ଯେକୌଣସି କର୍ତ୍ତବ୍ୟ ସଂପାଦନ କରିବେ ଓ ତାଙ୍କୁ ଏହି ପ୍ରକାରେ ବିନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଦ୍ୱାରା କେଉଁ ସ୍ଥାନୀୟ ସୀମା ମଧ୍ୟରେ ଉକ୍ତ କ୍ଷମତା ବା କର୍ତ୍ତବ୍ୟମାନ କାର୍ଯ୍ୟକାରୀ ହେବ ତାହା ବିନିର୍ଦ୍ଦିଷ୍ଟ କରିପାରିବେ ।

**ଋଣ ସୁନିଶ୍ଚିତ କରିବା ଜିଲ୍ଲା ମାଜିଷ୍ଟ୍ରେଟ ଓ ଅନ୍ୟାନ୍ୟ ଅଧିକାରୀଙ୍କର କର୍ତ୍ତବ୍ୟ ।**

11. ଧାରା 10 ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଜିଲ୍ଲା ମାଜିଷ୍ଟ୍ରେଟ ଓ ସେହି ଧାରା ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ଅଧିକାରୀ, ସେହି ମୁକ୍ତ ବନ୍ଧିତ ଶ୍ରମିକଙ୍କର ଆର୍ଥିକ ସ୍ୱାର୍ଥକୁ ଦୃଢ଼ୀଭୂତ କରିବା ତଥା ସଂରକ୍ଷିତ କରିବା ଦ୍ୱାରା ସେହି ବନ୍ଧିତ ଶ୍ରମିକଙ୍କର ଏପରି କଲ୍ୟାଣ ସାଧନ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବେ ଯେପରିକି ତାଙ୍କର ଆଉ କୌଣସି ବନ୍ଧିତ ଋଣ ସଂପର୍କୀୟ ଚୁକ୍ତି କରିବାର ଅବସର ବା କାରଣ ନ ଥିବ ।

**ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଓ ତାଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀମାନଙ୍କର କର୍ତ୍ତବ୍ୟ ।**

12. ପ୍ରତ୍ୟେକ ଜିଲ୍ଲା ମାଜିଷ୍ଟ୍ରେଟ ଓ ଧାରା 10 ଅନୁଯାୟୀ ତାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ପ୍ରତ୍ୟେକ ଅଧିକାରୀଙ୍କର ଅଧିକାରିତାର ସ୍ଥାନୀୟ ସୀମା ମଧ୍ୟରେ ରହିଥିବା କୌଣସି ବ୍ୟକ୍ତିଙ୍କ ଦ୍ୱାରା ବା ତାଙ୍କ ତରଫରୁ କୌଣସି ବନ୍ଧିତ ଶ୍ରମ ପଦ୍ଧତି ବା ଅନ୍ୟ କୌଣସି ପ୍ରକାରର ବଳାତ୍ ଶ୍ରମ, ଏହି ଅଧିନିୟମର ପ୍ରାରମ୍ଭ ପରେ ପ୍ରବର୍ତ୍ତନ ହେଉଛି କି ନାହିଁ ତାହା ତଦନ୍ତ କରିବା ସେହି ଜିଲ୍ଲା ମାଜିଷ୍ଟ୍ରେଟଙ୍କର ଓ ଅଧିକାରୀମାନଙ୍କର କର୍ତ୍ତବ୍ୟ ହେବ ଓ ଯଦି ସେପରି ତଦନ୍ତ ଫଳରେ କୌଣସି ବ୍ୟକ୍ତି ବନ୍ଧିତ ଶ୍ରମ ପଦ୍ଧତି ବା ଅନ୍ୟ କୌଣସି ପ୍ରକାରର ବଳାତ୍ ଶ୍ରମ ପ୍ରବର୍ତ୍ତନ କରୁଥିବା ଦେଖାଯାଏ ତେବେ ସେହି ବଳାତ୍ ଶ୍ରମର ପ୍ରବର୍ତ୍ତନକୁ ନିର୍ମୂଳ କରିବା ଲାଗି ଯେପରି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ସେପରି କାର୍ଯ୍ୟାନୁଷ୍ଠାନ ସେ ତତ୍କ୍ଷଣାତ କରିବେ ।

# ଅଧ୍ୟାୟ V

## ଅନୁଧ୍ୟାନ କମିଟି

ଅନୁଧ୍ୟାନ କମିଟି ।

13. (1) ପ୍ରତ୍ୟେକ ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା, ପ୍ରତ୍ୟେକ ଜିଲ୍ଲା ଓ ପ୍ରତ୍ୟେକ ଉପପ୍ରଭାଗରେ ଯେତିକି ସଂଖ୍ୟକ ଅନୁଧ୍ୟାନ କମିଟି ଗଠନ କରିବା ଉଚିତ ବୋଲି ବିଚାର କରିବେ ସେତିକି ସଂଖ୍ୟକ ଅନୁଧ୍ୟାନ କମିଟି ଗଠନ କରିବେ ।

(2) ଏକ ଜିଲ୍ଲା ପାଇଁ ଗଠିତ ପ୍ରତ୍ୟେକ ଅନୁଧ୍ୟାନ କମିଟିରେ ନିମ୍ନଲିଖିତ ସଦସ୍ୟମାନେ ରହିବେ:—

(କ) ଜିଲ୍ଲା ମାଜିଷ୍ଟ୍ରେଟ ବା ତାଙ୍କ ଦ୍ୱାରା ମନୋନୀତ ଜଣେ ବ୍ୟକ୍ତି, ଯେକି ସଭାଧ୍ୟକ୍ଷ ହେବେ;

(ଖ) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ସେହି ଜିଲ୍ଲା ନିବାସୀ ଅନୁସୂଚିତ ଜାତି ବା ଅନୁସୂଚିତ ଜନଜାତିର ତିନି ଜଣ ବ୍ୟକ୍ତି,

(ଗ) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ସେହି ଜିଲ୍ଲା ନିବାସୀ ଦୁଇ ଜଣ ସମାଜସେବୀ;

(ଘ) ଗ୍ରାମ୍ୟ ଉନ୍ନୟନ ସହ ସଂପୃକ୍ତ ଜିଲ୍ଲାର ସରକାରୀ ବା ବେସରକାରୀ ଏଜେନ୍ସିକୁ ପ୍ରତିନିଧିତ୍ୱ କରିବାଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଅନଧିକ ତିନି ଜଣ ବ୍ୟକ୍ତି;

(ଙ) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ହୋଇ ଜିଲ୍ଲାର ଆର୍ଥିକ ଓ ଋଣଦାୟୀ ଅନୁଷ୍ଠାନଗୁଡ଼ିକୁ ପ୍ରତିନିଧିତ୍ୱ କରିବା ଲାଗି ଜଣେ ବ୍ୟକ୍ତି;

(3) ଏକ ଉପପ୍ରଭାଗ ପାଇଁ ଗଠିତ ପ୍ରତ୍ୟେକ ଅନୁଧ୍ୟାନ କମିଟିରେ ନିମ୍ନଲିଖିତ ସଦସ୍ୟମାନେ ରହିବେ:—

(କ) ଉପପ୍ରଭାଗୀୟ ମାଜିଷ୍ଟ୍ରେଟ ବା ତାଙ୍କ ଦ୍ୱାରା ମନୋନୀତ କୌଣସି ବ୍ୟକ୍ତି ଯିଏ କି ସଭାପତି ହେବେ;

(ଖ) ଉପପ୍ରଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ସେହି ଉପପ୍ରଭାଗ ନିବାସୀ ଅନୁସୂଚିତ ଜାତି ବା ଅନୁସୂଚିତ ଜନଜାତିର ତିନି ଜଣ ବ୍ୟକ୍ତି;

(ଗ) ଉପପ୍ରଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ସେହି ଉପପ୍ରଭାଗ ନିବାସୀ ଦୁଇ ଜଣ ସମାଜସେବୀ;

(ଘ) ଗ୍ରାମ୍ୟ ଉନ୍ନୟନ ସହ ସଂପୃକ୍ତ ଉପପ୍ରଭାଗର ସରକାରୀ ବା ବେସରକାରୀ ଏଜେନ୍ସିକୁ ପ୍ରତିନିଧିତ୍ୱ କରିବା ଲାଗି ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ଅନଧିକ ତିନି ଜଣ ବ୍ୟକ୍ତି;

(ଙ) ଉପପ୍ରଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ହୋଇ ଉପପ୍ରଭାଗର ଆର୍ଥିକ ଓ ଋଣଦାୟୀ ଅନୁଷ୍ଠାନ ଗୁଡ଼ିକୁ ପ୍ରତିନିଧିତ୍ୱ କରିବା ଲାଗି ଜଣେ ବ୍ୟକ୍ତି;

(ଚ) ଧାରା 10 ଅନୁଯାୟୀ ବିନିର୍ଦ୍ଦିଷ୍ଟ ତଥା ସେହି ଉପପ୍ରଭାଗରେ କାର୍ଯ୍ୟରତ ଜଣେ ଅଧିକାରୀ;

(4) ପ୍ରତ୍ୟେକ ଅନୁଧ୍ୟାନ କମିଟି ନିଜର ପ୍ରକ୍ରିୟା ନିଜେ ବିନିୟମନ କରିବେ ଓ ତାଙ୍କୁ ଯେତିକି ଆବଶ୍ୟକ ପଡ଼ିପାରେ ତେତିକି ସଚିବୀୟ ସହାୟତା:—

(କ) ଜିଲ୍ଲାପାଇଁ ଗଠିତ ଅନୁଧ୍ୟାନ କମିଟି କ୍ଷେତ୍ରରେ, ଜିଲ୍ଲା ମାଜିଷ୍ଟ୍ରେଟ,

(ଖ) ଉପପ୍ରଭାଗ ପାଇଁ ଗଠିତ ଅନୁଧ୍ୟାନ କମିଟି କ୍ଷେତ୍ରରେ ଉପପ୍ରଭାଗୀୟ ମାଜିଷ୍ଟ୍ରେଟ ଯୋଗାଇ ଦେବେ ।

(5) ଅନୁଧ୍ୟାନ କମିଟିର ଗଠନରେ ବା କାର୍ଯ୍ୟବିଧିରେ କୌଣସି ତ୍ରୁଟି ଥିବା କାରଣ ହେତୁ କୌଣସି ଅନୁଧ୍ୟାନ କମିଟିର କାର୍ଯ୍ୟବିଧି ଅବିଧିମାନ୍ୟ ହେବନାହିଁ ।

ଅନୁଧ୍ୟାନ କମିଟି-ଗୁଡ଼ିକର କୃତ୍ୟ ।

14. (1) ଅନୁଧ୍ୟାନ କମିଟିଗୁଡ଼ିକର କୃତ୍ୟ ହେବ:—

(କ) ଏହି ଅଧିନିୟମର ବା ତଦଧୀନ ପ୍ରଣୀତ କୌଣସି ନିୟମର ଉପବନ୍ଧଗୁଡ଼ିକ ଉଚିତ ଭାବରେ କାର୍ଯ୍ୟାନ୍ୱୟନ ହେଉଅଛି ବୋଲି ସୁନିଶ୍ଚିତ କରିବା ଲାଗି କରାଯିବା ପ୍ରଚେଷ୍ଟା ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ବା ତାଙ୍କ ଦ୍ୱାରା ପ୍ରାଧିକୃତ କୌଣସି ଅଧିକାରୀଙ୍କୁ ଉପଦେଶ ଦେବା;

(ଖ) ମୁକ୍ତ ହୋଇଥିବା ବଂଧିତ୍ର ଶ୍ରମିକଙ୍କର ଆର୍ଥିକ ଓ ସାମାଜିକ ପୁନର୍ବସତି ଲଗି ଉପବଂଧ କରିବା;

(ଗ) ମୁକ୍ତ ହୋଇଥିବା ବଂଧିତ୍ର ଶ୍ରମିକଙ୍କୁ ଯଥେଷ୍ଟ ଋଣ ଯେପରି ମିଳିବ ସେହି ଦୃଷ୍ଟିରୁ ଗ୍ରାମ୍ୟବ୍ୟାଙ୍କ ଓ ସମବାୟ ସମିତିଗୁଡ଼ିକର କାର୍ଯ୍ୟକୁ ସମନ୍ବିତ କରିବା;

(ଘ) ଏହି ଅଧିନିୟମ ଅନୁଯାୟୀ ଯେତେ ସଂଖ୍ୟକ ଅପରାଧର ସଂଜ୍ଞାନ ଗ୍ରହଣ କରଯାଇଛି ତାହା ଉପରେ ଦୃଷ୍ଟି ରଖିବା;

(ଙ) ଏହି ଅଧିନିୟମ ଅନୁଯାୟୀ ଯେଉଁ ଅପରାଧର ସଂଜ୍ଞାନ ନିଆଯିବା କଥା ସେପରି ଅପରାଧ ଅଛି କି ନାହିଁ, ତାହା ନେଇ ଏକ ସର୍ବେକ୍ଷଣ କରିବା;

(ଚ) ମୁକ୍ତି ଲଭ କରିଥିବା ଜଣେ ବଂଧିତ ଶ୍ରମିକ ବା ତାହାଙ୍କ ପରିବାରର କୌଣସି ସଦସ୍ୟ ବା ତାଙ୍କ ଉପରେ ଆଶ୍ରିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୋଧରେ କୌଣସି ବଂଧିତ ଋଣର ବା ଅନ୍ୟ ଯେଉଁ ଋଣ ଏକ ବଂଧିତ ଋଣ ବୋଲି ସେହି ବ୍ୟକ୍ତି ଦାବି କରନ୍ତି ତାହାର ସମଗ୍ରାଂଶ ବା ଯେକୌଣସି ଅଂଶ ଅସୁଲ ଲଗି ଦାଏର ହୋଇଥିବା ଯେକୌଣସି ମକଦ୍ଦମାରେ ପ୍ରତିରକ୍ଷା କରିବା ।

(2) ଅନୁଧ୍ୟାନ କମିଟି, ନିଜର ଜନୈକ ସଦସ୍ୟଙ୍କୁ, କୌଣସି ମୁକ୍ତ ହୋଇଥିବା ବଂଧିତ ଶ୍ରମିକ ବିରୋଧରେ ହୋଇଥିବା ମକଦ୍ଦମାରେ ପ୍ରତିରକ୍ଷା କରିବାକୁ ପ୍ରାଧିକୃତ କରିପାରିବେ ଓ ଏହି ପ୍ରକାରେ ପ୍ରାଧିକୃତ ସଦସ୍ୟ, ସେହି ମକଦ୍ଦମା ଉଦ୍ଦେଶ୍ୟରେ, ସେହି ମୁକ୍ତ ବଂଧିତ ଶ୍ରମିକଙ୍କର ପ୍ରାଧିକୃତ ଏଜେଣ୍ଟ ବୋଲି ବିବେଚିତ ହେବେ ।

ପ୍ରମାଣଭାର

15. ଯେବେବା କୌଣସି ଋଣ ଏକ ବଂଧିତ ଋଣ ବୋଲି କେହି ବଂଧିତ ଶ୍ରମିକ ବା କୌଣସି ଅନୁଧ୍ୟାନ କମିଟି ଦାବି କରନ୍ତି ତେବେ ସେହି ଋଣ ଏକ ବଂଧିତ ଋଣ ନୁହେଁ ବୋଲି ପ୍ରମାଣଭାର ଋଣଦାତାଙ୍କ ଉପରେ ପଡ଼ିବ ।

---

## ଅଧ୍ୟାୟ VI

### ଅପରାଧ ଓ ବିଚାରଣ ପ୍ରକ୍ରିୟା

ବଂଧିତ ଶ୍ରମ ପ୍ରବର୍ତ୍ତନ କରିବା ଲାଗି ଦଣ୍ଡ ।

16. ଯେଉଁ ବ୍ୟକ୍ତି ଏହି ଅଧିନିୟମର ପ୍ରାରମ୍ଭ ପରେ, କୌଣସି ବଂଧିତ ଶ୍ରମ କରିବାକୁ କୌଣସି ବ୍ୟକ୍ତିଙ୍କୁ ବାଧ୍ୟ କରନ୍ତି ସେ ତିନିବର୍ଷ ପର୍ଯ୍ୟନ୍ତ କାରାବାସରେ ଓ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ମଧ୍ୟ ଦଣ୍ଡନୀୟ ହେବେ ।

ବଂଧିତ ଋଣ ଅଗ୍ରିମ ଲାଗି ଦଣ୍ଡ ।

17. ଯେଉଁ ବ୍ୟକ୍ତି ଏହି ଅଧିନିୟମର ପ୍ରାରମ୍ଭ ପରେ, କୌଣସି ବଂଧିତ ଋଣ ଅଗ୍ରିମ ଦିଅନ୍ତି ସେ ତିନିବର୍ଷ ପର୍ଯ୍ୟନ୍ତ କାରାବାସରେ ଓ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ମଧ୍ୟ ଦଣ୍ଡନୀୟ ହେବେ ।

ବଂଧିତ ଶ୍ରମ ପଦ୍ଧତି ଅନୁଯାୟୀ ବଂଧିତ ଶ୍ରମ ଆଦାୟ କରାଇବା ଲାଗି ଦଣ୍ଡ ।

18. ଯେଉଁ ବ୍ୟକ୍ତି ଏହି ଅଧିନିୟମ ପ୍ରାରମ୍ଭ ପରେ, ଏପରି କୌଣସି ଲୋକାଚାର, ପରଂପରା, ଚୁକ୍ତି, ଗଜିନାମା ବା ଅନ୍ୟାନ୍ୟ ବିଲେଖ ପ୍ରବର୍ତ୍ତନ କରନ୍ତି ଯାହା ବଳରେ କୌଣସି ବ୍ୟକ୍ତିଙ୍କୁ ବା ସେହି ବ୍ୟକ୍ତିଙ୍କ ପରିବାରର କୌଣସି ସଦସ୍ୟଙ୍କୁ ବା ସେହି ବ୍ୟକ୍ତିଙ୍କର କୌଣସି ଆଶ୍ରିତଙ୍କୁ ବଂଧିତ ଶ୍ରମ ପଦ୍ଧତି ଅନୁଯାୟୀ କୌଣସି ସେବା କରିବାକୁ ଆବଶ୍ୟକ କରାଯାଏ ସେ ତିନିବର୍ଷ ପର୍ଯ୍ୟନ୍ତ କାରାବାସରେ ଓ ଦୁଇହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ମଧ୍ୟ ଦଣ୍ଡନୀୟ ହେବେ ଓ ଅସୁଲ ହେଲେ ସେହି ଜୋରିମାନାରୁ, ସେହି ବଂଧିତ ଶ୍ରମିକଙ୍କୁ ତାଙ୍କ ଠାରୁ ବଂଧିତ ଶ୍ରମ ଆଦାୟ କରାଯାଇଥିବା ପ୍ରତ୍ୟେକ ଦିନ ଲାଗି ପାଞ୍ଚ ଟଙ୍କା ହାରରେ ଅର୍ଥ ପ୍ରଦାନ କରାଯିବ ।

ବଂଧିତ ଶ୍ରମିକଙ୍କୁ ସଂପତ୍ତିର ଦଖଲ ପ୍ରତ୍ୟର୍ପଣ କରିବାରେ ଲୋପ ବା ବିଫଳତା ଲାଗି ଦଣ୍ଡ ।

19. ଯେଉଁ ବ୍ୟକ୍ତି କୌଣସି ବଂଧିତ ଶ୍ରମିକଙ୍କ ଦଖଲକୁ କୌଣସି ସମ୍ପତ୍ତି ପ୍ରତ୍ୟର୍ପଣ କରିବାକୁ ଏହି ଅଧିନିୟମ ଦ୍ୱାରା ଆଦିଷ୍ଟ ହୋଇ, ଏହି ଅଧିନିୟମର ପ୍ରାରମ୍ଭଠାରୁ ତିରିଶଦିନ କାଳାବଧି ମଧ୍ୟରେ ତାହା କରନ୍ତି ନାହିଁ ବା କରିବାରେ ବିଫଳ ହୁଅନ୍ତି ସେ ଏକବର୍ଷ ପର୍ଯ୍ୟନ୍ତ କାରାବାସରେ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟ ଦଣ୍ଡରେ ଦଣ୍ଡନୀୟ ହେବେ, ଓ ଅସୁଲ ହେଲେ ସେହି ଜୋରିମାନାରୁ ସେହି ବନ୍ଧିତ ଶ୍ରମିକଙ୍କୁ ଯେଉଁ ଦିନଗୁଡ଼ିକ ମଧ୍ୟରେ ସେହି ସମ୍ପତ୍ତିର ଦଖଲ ତାଙ୍କୁ ପ୍ରତ୍ୟର୍ପଣ କରଯାଇନାହିଁ ସେହି ପ୍ରତ୍ୟେକ ଦିନ ଲଗି ପାଞ୍ଚଟଙ୍କା ହାରରେ ଅର୍ଥ ପ୍ରଦାନ କରଯିବ ।

କୁପ୍ରବର୍ତ୍ତନା ଏକ ଅପରାଧ ହେବ ।

20. ଯେଉଁ ବ୍ୟକ୍ତି ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧକୁ କୁପ୍ରବର୍ତ୍ତନା କରନ୍ତି ସେ, କୁପ୍ରବର୍ତ୍ତିତ ଅପରାଧଟି ଘଟିଥାଉ ବା ଘଟି ନଥାଉ କୁପ୍ରବର୍ତ୍ତିତ ହୋଇଥିବା ଅପରାଧ ଲାଗି ଯେଉଁ ଦଣ୍ଡ ବ୍ୟବସ୍ଥା ହୋଇଛି ସେହି ଦଣ୍ଡରେ ଦଣ୍ଡନୀୟ ହେବେ ।

ସ୍ପଷ୍ଟୀକରଣ:—ଭାରତୀୟ ଦଣ୍ଡ ସଂହିତାରେ ''କୁପ୍ରବର୍ତ୍ତନା''ର ଯେଉଁ ଅର୍ଥ କରାଯାଇଅଛି ଏହି ଅଧିନିୟମ ଉଦ୍ଦେଶ୍ୟରେ ତାହାର ସେହି ଏକା ଅର୍ଥ ହେବ ।

ନିଷ୍ପାଦକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅପରାଧ ଗୁଡ଼ିକର ବିଚାର କରାଯିବ ।

21. (1) ରାଜ୍ୟ ସରକାର, ଏହି ଅଧିନିୟମ ଅନୁଯାୟୀ ଅପରାଧ ଗୁଡ଼ିକର ବିଚାରଣ ପାଇଁ ପ୍ରଥମ ଶ୍ରେଣୀର ବା ଦ୍ୱିତୀୟ ଶ୍ରେଣୀର ନ୍ୟାୟିକ ମାଜିଷ୍ଟ୍ରେଟଙ୍କ କ୍ଷମତାଗୁଡ଼ିକୁ ଜଣେ ନିଷ୍ପାଦକ ମାଜିଷ୍ଟ୍ରେଟଙ୍କୁ ପ୍ରଦତ୍ତ କରିପାରିବେ ଓ ଏପରି କ୍ଷମତା ପ୍ରଦତ୍ତ କରାଯିବାପରେ ଯେଉଁ ନିଷ୍ପାଦକ ମାଜିଷ୍ଟ୍ରେଟଙ୍କ ଉପରେ ଏହି କ୍ଷମତାମାନ ଏହିପରି ପ୍ରଦତ୍ତ ହୁଏ ଯେ, ଯଥାସ୍ଥିତି, ପ୍ରଥମ ଶ୍ରେଣୀର ବା ଦ୍ୱିତୀୟ ଶ୍ରେଣୀର ଜଣେ ନ୍ୟାୟିକ ମାଜିଷ୍ଟ୍ରେଟ ବୋଲି ଦଣ୍ଡ ପ୍ରକ୍ରିୟା ସଂହିତା 1973 ଉଦ୍ଦେଶ୍ୟରେ ବିବେଚିତ ହେବେ ।

(2) ଏହି ଅଧିନିୟମ ଅନୁଯାୟୀ ଏକ ଅପରାଧ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ସରାସରିଭାବରେ ବିଚାର କରାଯାଇପାରିବ ।

ଅପରାଧର ସଂଜ୍ଞାନ

22. ଏହି ଅଧିନିୟମ ଅନୁଯାୟୀ ପ୍ରତ୍ୟେକ ଅପରାଧ ସଂଜ୍ଞେୟ ଓ ଜାମିନଯୋଗ୍ୟ ହେବ ।

କମ୍ପାନିମାନଙ୍କ ଦ୍ୱାରା ଅପରାଧ ।

23. (1) ଯେବେ ଏହି ଅଧିନିୟମ ଅନୁଯାୟୀ କୌଣସି ଅପରାଧ ଏକ କମ୍ପାନି ଦ୍ୱାରା କରାଯାଏ ତେବେ ଅପରାଧଟି କରାଯାଇଥିବାବେଳେ ଯେଉଁ ବ୍ୟକ୍ତିମାନେ କମ୍ପାନିର କାରବାର ସଂଚାଳନ କରିବାଲାଗି କମ୍ପାନିର ଭାରପ୍ରାପ୍ତ ହୋଇଥିଲେ ବା କମ୍ପାନିଠାରେ ଦାୟୀ ଥିଲେ ସେହି ପ୍ରତ୍ୟେକ ବ୍ୟକ୍ତି ତଥା ସେହି କମ୍ପାନି ମଧ୍ୟ ଅପରାଧ ଲାଗି ଦୋଷୀ ବୋଲି ବିବେଚିତ ହେବେ ଓ ତଦନୁସାରେ ତାଙ୍କ ବିରୋଧରେ କାର୍ଯ୍ୟବିଧି କରାହେବାକୁ ଓ ସେ ଦଣ୍ଡିତ ହେବାକୁ ଦାୟୀ ରହିବେ ।

(2) ଉପଧାରା (1) ରେ ଯାହାକିଛି ଥିବା ସତ୍ତ୍ୱେ, ଯେବେ ଏହି ଅଧିନିୟମ ଅନୁଯାୟୀ କୌଣସି ଅପରାଧ କୌଣସି କମ୍ପାନି ଦ୍ୱାରା କରାଯାଇଥାଏ ଓ ଏହା ପ୍ରମାଣିତ ହୁଏ ଯେ, ଅପରାଧଟି କମ୍ପାନିର କୌଣସି ନିର୍ଦ୍ଦେଶକ, ପରିଚାଳକ, ସଚିବ ବା ଅନ୍ୟ ଅଧିକାରୀଙ୍କର ସମ୍ମତି ବା ମୌନାନୁକୂଳତା ସହ ହୋଇଛି ବା ତାଙ୍କ ପକ୍ଷେ କୌଣସି ଅବହେଳା ଯୋଗୁଁ ହୋଇଛି ବୋଲି ଆରୋପଯୋଗ୍ୟ ହୁଏ ତେବେ ସେହି ନିର୍ଦ୍ଦେଶକ, ପରିଚାଳକ, ସଚିବ ବା ଅନ୍ୟ ଅଧିକାରୀ ସେହି ଅପରାଧ ନେଇ ଦୋଷୀ ବୋଲି ବିବେଚିତ ହେବେ ଓ ତଦନୁସାରେ ତାଙ୍କ ବିରୋଧରେ କାର୍ଯ୍ୟବିଧି କରାହେବାକୁ ଓ ସେ ଦଣ୍ଡିତ ହେବାକୁ ଦାୟୀ ରହିବେ ।

ସ୍ପଷ୍ଟୀକରଣ:—ଏହି ଧାରା ଉଦ୍ଦେଶ୍ୟରେ;—

(କ) ''କମ୍ପାନି''ର ଅର୍ଥ ଯେ କୌଣସି ନିଗମ ନିକାୟ ଓ ଏହା ଏକ ଫାର୍ମ ବା ବ୍ୟକ୍ତିବିଶେଷମାନଙ୍କର ଅନ୍ୟ ସମିତିକୁ ଅର୍ଥାନ୍ତର୍ଗତ କରେ, ଏବଂ

(ଖ) ଏକ ଫାର୍ମ ସଂକ୍ରାନ୍ତରେ "ନିର୍ଦ୍ଦେଶକ"ର ଅର୍ଥ ସେହି ଫାର୍ମର ଜଣେ ଭାଗୀଦାର ।

———

## ଅଧ୍ୟାୟ VII

### ବିବିଧ

ସଦ୍‌ବିଶ୍ୱାସରେ କୃତ କାର୍ଯ୍ୟର ସଂରକ୍ଷଣ ।

24. ଯାହା ଏହି ଅଧିନିୟମ ଅନୁଯାୟୀ ସଦ୍‌ବିଶ୍ୱାସରେ କରାଯାଇଛି ବା କରାଯିବାକୁ ଆଶୟିତ ହୋଇଛି ସେଥିଲାଗି କୌଣସି ରାଜ୍ୟ ସରକାର ବା ସେହି ରାଜ୍ୟ ସରକାରଙ୍କର କୌଣସି ଅଧିକାରୀ ବା ଅନୁଧ୍ୟାନ କମିଟିର କୌଣସି ସଦସ୍ୟଙ୍କ ବିରୋଧରେ କୌଣସି ମକଦ୍ଦମା, ଅଭିଯୋଜନ ବା ଅନ୍ୟ ବୈଧିକ କାର୍ଯ୍ୟବିଧି ଚଳିବ ନାହିଁ ।

ସିଭିଲ ନ୍ୟାୟାଳୟମାନଙ୍କର ଅଧିକାରିତା ରହିବନାହିଁ ।

25. ଯେଉଁ ବିଷୟ ପ୍ରତି ଏହି ଅଧିନିୟମର କୌଣସି ଉପବନ୍ଧ ପ୍ରଯୋଜ୍ୟ ଅଟେ ସେହି ସଂକ୍ରାନ୍ତରେ କୌଣସି ସିଭିଲ ନ୍ୟାୟାଳୟର ଅଧିକାରିତା ରହିବ ନାହିଁ ଓ ଯେଉଁ ବିଷୟ ଏହି ଅଧିନିୟମ ଦ୍ୱାରା ବା ତାହା ଅନୁଯାୟୀ କରାଯାଇଛି ବା କରାଯିବାକୁ ଆଶୟିତ ହୋଇଛି ତାହା ସଂକ୍ରାନ୍ତରେ କୌଣସି ସିଭିଲ ନ୍ୟାୟାଳୟ ଆଦେଶାଜ୍ଞା ଦେବେ ନାହିଁ ।

ନିୟମାବଳୀ ପ୍ରଣୟନ କ୍ଷମତା ।

26. (1) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ଉପବନ୍ଧ ଗୁଡ଼ିକୁ କାର୍ଯ୍ୟକାରୀ କରିବାଲାଗି ନିୟମାବଳୀ ପ୍ରଣୟନ କରିପାରିବ ।

(2) ବିଶେଷତଃ ଓ ପୂର୍ବୋଲିଖିତ କ୍ଷମତା ପ୍ରତି ପ୍ରତିକୂଳ ନହୋଇ ସେହି ନିୟମାବଳୀ ନିମ୍ନଲିଖିତ ସମସ୍ତ ବା ଯେ କୌଣସି ବିଷୟ ଲାଗି ବ୍ୟବସ୍ଥା କରିପାରିବ;—

(କ) ଧାରା 6 ର ଉପଧାରା (4) ବା ଉପଧାରା (5) ରେ ବର୍ଣ୍ଣିତ ସମ୍ପତ୍ତିର ଦଖଲ ପ୍ରତ୍ୟର୍ପଣ ଲାଗି ଦରଖାସ୍ତ ସେହି ଧାରାର ଉପଧାରା (6) ଅନୁସାରେ କେଉଁ ପ୍ରାଧିକାରୀଙ୍କଠାରେ ଦାଖଲ କରାଯିବ ।

(ଖ) ଧାରା 6 ର ଉପଧାରା (6) ଅନୁଯାୟୀ ସମ୍ପତ୍ତିର ଦଖଲର ପ୍ରତ୍ୟର୍ପଣ ଲାଗି ଦରଖାସ୍ତ, ବିହିତ ପ୍ରାଧିକାରୀଙ୍କୁ କେଉଁ ସମୟ ମଧ୍ୟରେ ଦିଆଯିବ,

(ଗ) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କୌଣସି ନିୟମର ଉପବନ୍ଧ ଗୁଡ଼ିକର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଲାଗି ଧାରା 14ର ଉପଧାରା (1) ର ଖଣ୍ଡ (କ) ଅନୁଯାୟୀ ଅନୁଧ୍ୟାନ କମିଟି କି କି ପଦକ୍ଷେପ ନେବେ ;

(ଘ) ଅନ୍ୟ ଯେଉଁ ବିଷୟ ବିହିତ ହେବା ଆବଶ୍ୟକ ବା ବିହିତ ହୋଇପାରିବ ।

(3) ଏହି ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ ତାହା ପ୍ରଣୀତ ହେବାପରେ ଯଥାଶୀଘ୍ର, ସଂସଦର ପ୍ରତ୍ୟେକ ସଦନ ଅଧିବେଶନରେ ଥିବାବେଳେ ତାହା ସମକ୍ଷରେ ମୋଟ ତିରିଶଦିନ କାଳାବଧିଲାଗି ଉପସ୍ଥାପିତ ହେବ, ଯେଉଁ କାଳାବଧି କି ଏକ ଅଧିବେଶନରେ ବା କ୍ରମବର୍ତ୍ତୀ ଦୁଇ ବା ତତୋଧିକ ଅଧିବେଶନରେ ଅନ୍ତର୍ଭୁକ୍ତ ହୋଇପାରେ ଓ ଯଦି ପୂର୍ବୋକ୍ତ ଅଧିବେଶନ ବା କ୍ରମବର୍ତ୍ତୀ ଅଧିବେଶନ ଗୁଡ଼ିକର ଅବ୍ୟବହିତ ପର ଅଧିବେଶନର ଅବସାନ ପୂର୍ବରୁ ଉଭୟ ସଦନ ନିୟମରେ କୌଣସି ରୂପଭେଦନ କରିବା ଲାଗି ସହମତ ହୁଅନ୍ତି ବା ଉଭୟ ସଦନ ସହମତ ହୁଅନ୍ତି ଯେ ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ ତେବେ ତାହାପରେ ନିୟମଟି ଯଥାସ୍ଥିତି, ସେହି ରୂପଭେଦିତ ଆକାରରେ ହିଁ ପ୍ରଭାବୀ ହେବ ବା ପ୍ରଭାବହୀନ ହେବ, ଅବଶ୍ୟ ସେହି ରୂପଭେଦନ ବା ବାତିଲ ସେହି ନିୟମ ଅନୁଯାୟୀ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବୈଧତା ପ୍ରତି ପ୍ରତିକୂଳ ହେବନାହିଁ ।

ନିରସନ ଓ ବ୍ୟାବୃତ୍ତି

27. (1) ବନ୍ଧିତ ଶ୍ରମ ପଦ୍ଧତି (ଉଚ୍ଛେଦ) ଅଧ୍ୟାଦେଶ, 1975 ଏତଦ୍ଦ୍ୱାରା ନିରସିତ ହେଲା ।

(2) ସେପରି ନିରସନ ସତ୍ତ୍ୱେ, ସେହି ଅଧ୍ୟାଦେଶ ଅନୁଯାୟୀ ହୋଇଥିବା କୌଣସି କାର୍ଯ୍ୟ ବା କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନ (ପ୍ରକାଶିତ କୌଣସି ଅଧିସୂଚନା, କରାଯାଇଥିବା ନିର୍ଦ୍ଦେଶ ବା ମନୋନୟନ, ପ୍ରଦତ୍ତ କ୍ଷମତା, ଆରୋପିତ କର୍ତ୍ତବ୍ୟ ବା ବିନିର୍ଦ୍ଦିଷ୍ଟ ଅଧିକାରୀ ସମେତ) ଏହି ଅଧିନିୟମର ଅନୁରୂପ ଉପବନ୍ଧ ଗୁଡ଼ିକ ଅନୁଯାୟୀ ହୋଇଛି ବା କରାଯାଇଛି ବୋଲି ବିବେଚିତ ହେବ ।